Candidate must not write on this margin.

# CSM—26/22

# EDUCATION

# ଶିକ୍ଷା

# PAPER—I

**Time : 3 Hours**

ସମୟ : ୩ ଘଣ୍ଟା

**Full Marks : 250**

ପୂର୍ଣ୍ଣ ସଂଖ୍ୟା : ୨୫୦

*The figures in the right-hand margin indicate marks.*

ପ୍ରଶ୍ନପତ୍ରର ଡ଼ାହାଣ ପଟେ ପ୍ରତ୍ୟେକ ପ୍ରଶ୍ନର ମାର୍କ ଦର୍ଶାଯାଇଛି ।

*Candidates should attempt* ***any 10 (ten)*** *questions of* **GROUP—A** *with word limit of 250 words and should attempt* ***any 5 (five)*** *questions from* **GROUP—B** *with word limit of 300 words.*

ପରୀକ୍ଷାର୍ଥୀମାନେ **GROUP—A** ରୁ ଯେକୌଣସି **୧୦**ଟି ପ୍ରଶ୍ନର ଉତ୍ତର ୨୫୦ ଶବ୍ଦ ମଧ୍ୟରେ ଏବଂ **GROUP—B** ରୁ ଯେକୌଣସି **୫**ଟି ପ୍ରଶ୍ନର ଉତ୍ତର ୩୦୦ ଶବ୍ଦ ମଧ୍ୟରେ ସୀମିତ ରଖିବେ ।

## GROUP—A

**1.** Discuss the importance of incorporating strategies for the development of *(a)* cognitive, *(b)* affective and *(c)* psychomotor domains in educational training. 5+5+5=15

ଶୈକ୍ଷିକ ପ୍ରଶିକ୍ଷଣରେ *(a)* ଜ୍ଞାନାତ୍ମକ *(b)* ଭାବାତ୍ମକ ଏବଂ *(c)* କ୍ରିୟାତ୍ମକ କ୍ଷେତ୍ର (domain) ଗୁଡ଼ିକର ବିକାଶ ପାଇଁ ରଣନୀତିଗୁଡ଼ିକ ଅନ୍ତର୍ଭୁକ୍ତ କରିବାର ଗୁରୁତ୍ୱକୁ ଆଲୋଚନା କର ।

**2.** Examine the influence of the concepts of Dharma, Artha, Kama and Moksha on education on ancient India. How did these fundamental principles shape the educational system, curriculum and values of the time? 15

ପ୍ରାଚୀନ ଭାରତରେ ଶିକ୍ଷା ଉପରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷର ଧାରଣାର ପ୍ରଭାବ ପରୀକ୍ଷା କର । ଏହି ମୌଳିକ ନୀତି ସମୂହ କିପରି ସେହି ସମୟର ଶୈକ୍ଷିକ ବ୍ୟବସ୍ଥା, ପାଠ୍ୟକ୍ରମ ଏବଂ ମୂଲ୍ୟବୋଧକୁ ଗଠନ କରିଥିଲା?

**3.** *(a)* Compare and contrast the educational systems of the Vedic period and Buddhist period focusing on their respective aims, processes and significance. 10

ବୈଦିକ ଯୁଗ ଏବଂ ବୌଦ୍ଧ ଯୁଗର ଶୈକ୍ଷିକ ବ୍ୟବସ୍ଥାକୁ ସେମାନଙ୍କର ଲକ୍ଷ୍ୟ, ପ୍ରକ୍ରିୟା ଏବଂ ମହତ୍ୱ ଉପରେ ଧ୍ୟାନ ଦେଇ ତୁଳନା କର ଏବଂ ପାର୍ଥକ୍ୟ ଦର୍ଶାଅ ।

*(b)* How did these systems shape the intellectual and cultural systems of their times? 5

ଏହି ବ୍ୟବସ୍ଥାଗୁଡ଼ିକ କିପରି ସେମାନଙ୍କ ସମୟର ବୌଦ୍ଧିକ ଏବଂ ସାଂସ୍କୃତିକ ପ୍ରଣାଳୀ ଗଠନ କରିଥିଲା?

**4.** Compare Idealism and Pragmatism as philosophical frameworks in education. Explore their fundamental principles, goals, teaching methods and views on knowledge. 15

ଶିକ୍ଷାରେ ଦାର୍ଶନିକ ରୂପରେଖ ଭାବେ Idealism ଏବଂ Pragmatism କୁ ତୁଳନା କର । ସେଗୁଡ଼ିକର ମୌଳିକ ନୀତି, ଲକ୍ଷ୍ୟ, ଶିକ୍ଷାଦାନ ପଦ୍ଧତି ଏବଂ ଜ୍ଞାନ ଉପରେ ଦୃଷ୍ଟିକୋଣଗୁଡ଼ିକ ଅନୁସନ୍ଧାନ କର ।

**5.** Discuss the significant contributions of Utkalmani Pandit Gopabandhu Das and Kabibar Radhanath Ray to the development of education in Odisha. How did their visionary efforts shape the education in the region? 15

ଓଡ଼ିଶାର ଶିକ୍ଷାର ବିକାଶରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ କବିବର ରାଧାନାଥ ରାୟଙ୍କ ମହତ୍ୱପୂର୍ଣ୍ଣ ଅବଦାନ ବିଷୟରେ ଆଲୋଚନା କର । ଏହି ଅଞ୍ଚଳରେ ସେମାନଙ୍କ ଦୂରଦୃଷ୍ଟିସମ୍ପନ୍ନ ପ୍ରୟାସ କିପରି ଶିକ୍ଷାକୁ ରୂପ ଦେଲା?

**6.** Compare and contrast the contributions of Rabindranath Tagore and Friedrich Froebel with reference to the development of pedagogy and curriculum design in education. 15

ଶିକ୍ଷାରେ ଶୈକ୍ଷିକ ବିଜ୍ଞାନ ଏବଂ ପାଠ୍ୟକ୍ରମ ଡିଜାଇନର ବିକାଶକୁ ସନ୍ଦର୍ଭିତ କରି ରବୀନ୍ଦ୍ରନାଥ ଟାଗୋର ଏବଂ ଫ୍ରେଡ୍ରିଚ ଫ୍ରୋବେଲଙ୍କ ଅବଦାନକୁ ତୁଳନାକର ଓ ପାର୍ଥକ୍ୟ ଦର୍ଶାଅ ।

**7.** *(a)* Examine the sociological dynamics of the relationship between education and home. 10

ଶିକ୍ଷା ଏବଂ ଘର ମଧ୍ୟରେ ଥିବା ସମାଜବିଜ୍ଞାନ ଗତିଶୀଳତାକୁ ପରୀକ୍ଷା କର ।

*(b)* Discuss the role of family background, socio-economic factors and cultural values in shaping the edcational experiences of individuals. 5

ବ୍ୟକ୍ତିବିଶେଷଙ୍କ ଶୈକ୍ଷିକ ଅନୁଭୂତି ଗଠନରେ ପରିବାରିକ ପୃଷ୍ଠଭୂମି ସାମାଜିକ ଅର୍ଥନୈତିକ କାରଣ ଏବଂ ସାଂସ୍କୃତିକ ମୂଲ୍ୟରୋଧର ଭୂମିକା ବିଷୟରେ ଆଲୋଚନା କର ।

**Candidate must not write on this margin.**

**8.** Explore the intricate relationship among education, social stratification and social mobility. Analyze the role of education as a potential catalyst for social mobility. 10+5=15

ଶୀକ୍ଷା, ସାମାଜିକ ସ୍ତରୀକରଣ ଏବଂ ସାମାଜିକ ଗତିଶୀଳତା ମଧ୍ୟରେ ଜଟିଳ ସମ୍ପର୍କକୁ ଆନୁସନ୍ଧାନ କର ।

**Candidate must not write on this margin.**

**9.** *(a)* To what extent does education contribute to the process of modernization? 7½

ଆଧୁନିକୀକରଣ ପ୍ରକ୍ରିୟାରେ ଶିକ୍ଷା କେତେ ପରିମାଣରେ ସହାୟକ ହୋଇଥାଏ?

*(b)* How does education intersect with cultural values and influence political dynamics? 7½

ଶିକ୍ଷା କିପରି ସାଂସ୍କୃତିକ ମୂଲ୍ୟବୋଧ ସହିତ ସମନ୍ୱିତ ବୋଇଥାଏ ଏବଂ ରାଜନୈତିକ ଗତିଶୀଳତାକୁ ପ୍ରଭାବିତ କରେ?

**10.** *(a)* Examine the recommendations put forth by the Calcutta University Commission and the Radhakrishnan Commission in the context of Indian education. 10

କଲିକତା ବିଶ୍ୱବିଦ୍ୟାଳୟ ଆୟୋଗ ଏବଂ ରାଧାକ୍ରିଷ୍ଣନ୍ ଆୟୋଗ ଦ୍ୱାରା ଭାରତୀୟ ଶିକ୍ଷା ପରିପ୍ରେକ୍ଷୀରେ ଦିଆଯାଇଥିବା ସୁପରିଶଗୁଡ଼ିକ ପରୀକ୍ଷା କର ।

*(b)* Analyze the implications of their recommendations for the development and reform of the Indian education system. 5

ଭାରତୀୟ ଶିକ୍ଷାବ୍ୟବସ୍ଥାର ବିକାଶ ଏବଂ ସଂସ୍କାର ପାଇଁ ସେମାନଙ୍କ ସୁପାରିଶର ପ୍ରଭାବକୁ ବିଶ୍ଳେଷଣ କର ।

**11.** Write an essay on the meaning and nature of social change. 15

ସମାଜିକ ପରିବର୍ତ୍ତନର ଅର୍ଥ ଏବଂ ପ୍ରକୃତି ଉପରେ ଏକ ପ୍ରବନ୍ଧ ଲେଖ ।

**12.** *(a)* Compare the objectives of education in formal, informal and non-formal settings. 10

ଆନୁଷ୍ଠାନିକ, ଅନୌପଚାରିକ ଏବଂ ଅଣଆନୁଷ୍ଠାନିକ ସେଟିଂରେ ଶିକ୍ଷାର ଉଦ୍ଦେଶ୍ୟଗୁଡ଼ିକ ତୁଳନା କର ।

*(b)* What role do they play in addressing diverse learning needs and societal challenges? 5

ସାମାଜିକ ଆହ୍ୱାନଗୁଡ଼ିକର ବିବିଧ ଶୈକ୍ଷିକ ଆବଶ୍ୟକତାକୁ ସମାଧାନ କରିବାରେ ସେମାନେ କେଉଁ ଭୂମିକା ନିର୍ବାହ କରନ୍ତି?

## GROUP—B

Candidate must not write on this margin.

**13.** Discuss the principles of human development and analyze various factors that influence an individual's growth and development across a lifespan. 20

ମାନବୀୟ ବିକାଶର ନୀତିଗୁଡ଼ିକ ଉପରେ ଆଲୋଚନା କର ଏବଂ ବିଭିନ୍ନ କାରଣକୁ ବିଶ୍ଳେଷଣ କର ଯାହା ବ୍ୟକ୍ତିର ବୃଦ୍ଧି ଏବଂ ବିକାଶକୁ ଜୀବନସାରା ପ୍ରଭାବିତ କରେ ।

**14.** Examine the psychodynamic approach to personality, highlighting its key concepts on shaping individual behavior and development. 20

ବ୍ୟକ୍ତିଗତ ଆଚରଣ ଏବଂ ବିକାଶ ଉପରେ ଏହାର ମୁଖ୍ୟଧାରଣାକୁ ଆଲୋକପାତ କରି ବ୍ୟକ୍ତିତ୍ୱର psychodynamic approachକୁ ପରୀକ୍ଷା କର ।

**15.** Discuss the concept of defence mechanisms in Psychology. Provide examples of common defence mechanisms. 20

ମନୋବିଜ୍ଞାନରେ defence mechanismର ଧାରଣାକୁ ଆଲୋଚନା କର । ସାଧାରଣ defence mechanismର ଉଦାହରଣ ଦିଅ ।

**16.** Compare and contrast Jean Piaget's cognitive development theory and Robert Gagne's learning theory based on their key concepts, principles and implications for education. 20

ଜିନ୍ ପିଆଜେଙ୍କ ଜ୍ଞାନଗତ ବିକାଶ ସିଦ୍ଧାନ୍ତ ଏବଂ ରବର୍ଟ ଗ୍ୟାଗନଙ୍କ ଶିକ୍ଷଣ ସିଦ୍ଧାନ୍ତକୁ ସେମାନଙ୍କ ପ୍ରମୁଖ ଧାରଣା, ନୀତି ଏବଂ ଶିକ୍ଷଣ ପାଇଁ କାର୍ଯ୍ୟାନ୍ୱୟନକୁ ଆଧାର କରି ତୁଳନା କର ଓ ପାର୍ଥକ୍ୟ ଦର୍ଶାଅ ।

**17.** *(a)* Describe the advantages and disadvantages of the semester system in higher education with a focus on its impact on grading practices. 10

ଗ୍ରେଡିଂ ଅଭ୍ୟାସ ଉପରେ ଏହାର ପ୍ରଭାବକୁ ଧ୍ୟାନରେ ରଖି ଉଚ୍ଚଶିକ୍ଷାରେ ସେମିଷ୍ଟାର ବ୍ୟବସ୍ଥାର ସୁବିଧା ଏବଂ ଅସୁବିଧା ବର୍ଣ୍ଣନା କର ।

*(b)* Consider how the semester system influences student learning, assessment methods and overall educational outcomes. 10

ସେମିଷ୍ଟାର ସିଷ୍ଟମକାରି ଶିକ୍ଷାର୍ଥୀ ଶିକ୍ଷଣ, ମୂଲ୍ୟାୟନ ପଦ୍ଧତି ଏବଂ ସାମଗ୍ରିକ ଶିକ୍ଷାଗତ ଫଳାଫଳକୁ ପ୍ରଭାବିତ କରେ ତାହା ବିଚାର କର ।

**18.** *(a)* Discuss the key properties of the normal probability curve with illustrations. 15

ଚିତ୍ର ସହ ସାଧାରଣ ସମ୍ଭାବ୍ୟତା ବକ୍ରର ମୁଖ୍ୟ ଗୁଣ ବିଷୟରେ ଆଲୋଚନା କର ।

*(b)* Elucidate how educators can use these properties in the assessment and interpretation of student performance. 5

ଶିକ୍ଷାର୍ଥୀଙ୍କ କାର୍ଯ୍ୟ ସଂପାଦନର ଆକଳନ ଏବଂ ପ୍ରଭାବରେ ଏହିଗୁଣଗୁଡ଼ିକ ଶିକ୍ଷକମାନେ କିପରି ବ୍ୟାବହାର କରି ପାରିବେ ତାହା ବର୍ଣ୍ଣନା କର ।

★★★

**Candidate must not write on this margin.**